# Meeting between External Affairs Minister and Secretary General of the Gulf Cooperation Council (GCC), H.E. Dr. Nayef Falah Mubarak Al-Hajraf

November 10, 2021

---

## ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଗଲ୍ଫ ସହଯୋଗ ପରିଷଦ (ଜିସିସି) ର ମହାସଚିବ ମାନ୍ୟବର ଡକ୍ଟର ନାଏଫ ଫଲା ମୁବାରକ ଅଲ-ହଜରାଫଙ୍କ ମଧ୍ୟରେ ବୈଠକ

ନଭେମ୍ବର 10, 2021

ଆଜି ନୂଆଦିଲ୍ଲୀଠାରେ ଗଲ୍ଫ ସହଯୋଗ ପରିଷଦ (ଜିସିସି) ର ମହାସଚିବ ମାନ୍ୟବର ଡକ୍ଟର ନାଏଫ ଫଲା ମୁବାରକ ଅଲ-ହଜରାଫଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଲୋଚନା କରିଥିଲେ। ଜିସିସିର ମହାସଚିବ 10-11 ନଭେମ୍ବର 2021 ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିଛନ୍ତି। ଉଭୟ ନେତା ଐତିହାସିକ ତଥା ବନ୍ଧୁତ୍ୱପୂର୍ଣ୍ଣ ଭାରତ-ଜିସିସି ସମ୍ପର୍କକୁ ମନେ ପକାଇଥିଲେ, ଯାହାକି ଗତ କିଛି ବର୍ଷ ମଧ୍ୟରେ ଦୃତ ଅଗ୍ରଗତି କରିଛି। ସେମାନେ ଭାରତ-ଜିସିସି ସମ୍ପର୍କର ବିସ୍ତୃତ ସମୀକ୍ଷା କରିଥିଲେ ଏବଂ ଏହାକୁ ଆହୁରି ବଢାଇବାର ଉପାୟ ଉପରେ ଆଲୋଚନା କରିଥିଲେ। ଜିସିସିର ମହାସଚିବ ଗଲ୍ଫ ଦେଶଗୁଡିକରେ ଭାରତୀୟ ସମୁଦାୟର ଅବଦାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଜିସିସି ଭାରତରର ଅର୍ଥନୈତିକ ଅଭିବୃଦ୍ଧିରେ ଭାଗିଦାର ହେବାକୁ ଚାହୁଁଛି।

2. କୋଭିଡ-19 ମହାମାରୀ ସମୟରେ ବିଶାଳ ପ୍ରବାସୀ ଭାରତୀୟ ସମୁଦାୟଙ୍କର ଯତ୍ନ ନେଇଥିବାରୁ ଏବଂ ଏପ୍ରିଲ-ମଇ 2021 ରେ କୋଭିଡ-19 ମହାମାରୀର ଦ୍ୱିତୀୟ ଲହରୀ ସମୟରେ ପ୍ରଦାନ କରାଯାଇଥିବା ଚିକିତ୍ସା ସହାୟତା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜିସିସି ଦେଶମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଟିକାକରଣ କାର୍ଯ୍ୟକ୍ରମରେ ଭାରତର ଅଗ୍ରଗତି ବିଷୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ମଧ୍ୟ ମହାସଚିବଙ୍କୁ ଅବଗତ କରିଥିଲେ। ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଅଭୂତପୂର୍ବ ସମସ୍ୟାର ମୁକାବିଲା କରିବାରେ ଭାରତ-ଜିସିସି ମଧ୍ୟରେ ସହଯୋଗକୁ ନେଇ ଉଭୟ ନେତା ସନ୍ତୋଷ ବ୍ୟକ୍ତ କରିଥିଲେ। ଭାରତରୁ ବିମାନ ଯାତ୍ରା ଉପରେ ଜିସିସି ଦେଶଗୁଡିକ ଦ୍ୱାରା ପ୍ରତିବନ୍ଧକୁ ଆହୁରି କୋହଳ କରିବା ଏବଂ ଟିକାକରଣ ପ୍ରମାଣପତ୍ରର ପାରସ୍ପରିକ ସ୍ୱୀକୃତି ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

3. ଉଭୟ ନେତା ଭାରତ ଓ ଜିସିସି ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ ସମ୍ପର୍କ ଉପରେ ମଧ୍ୟ ଆଲୋଚନା କରିଥିଲେ। ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ ଯେ କୋଭିଡ ଲକଡାଉନ ସମୟରେ ମଧ୍ୟ ଭାରତ ଓ ଜିସିସି ମଧ୍ୟରେ ଅତ୍ୟାବଶ୍ୟକ ବାଣିଜ୍ୟ ଜାରି ରହିଥିଲା। ଶକ୍ତି ସୁରକ୍ଷା, ଖାଦ୍ୟ ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ସେବା ସମେତ ଯୋଗାଣ ଶୃଙ୍ଖଳାକୁ ଅଧିକ ସୁରକ୍ଷିତ କରିବାର ଆବଶ୍ୟକତା ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ। ଜିସିସି ଦେଶଗୁଡ଼ିକର ସାର୍ବଭୌମିକ ଧନ ପାଣ୍ଠି ସମେତ ଏଫଡିଆଇ ପାଇଁ ଭାରତ ଏକ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଥିଲେ।

4. ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଜିସିସିର ମହାସଚିବ ମଧ୍ୟ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ଏହି ଅଞ୍ଚଳରେ ସ୍ଥିରତା ଓ ସମୃଦ୍ଧତାକୁ ପ୍ରୋତ୍ସାହିତ କରିବାରେ ଜିସିସିର ଗଠନମୂଳକ ଭୂମିକା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ମହାସଚିବଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଭୟ ପକ୍ଷ ପରବର୍ତ୍ତୀ ଭାରତ-ଜିସିସି ଟ୍ରୋଇକା ରାଜନୈତିକ ଆଲୋଚନାକୁ ଶୀଘ୍ର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆଲୋଚନାର ପୂର୍ବ ପର୍ଯ୍ୟାୟ ଭର୍ଚୁଆଲ ଉପାୟରେ ନଭେମ୍ବର 2020 ରେ ଅନୁଷ୍ଠିତ ହୋଇଥିଲା। ଉଭୟ

ପକ୍ଷ ମଧ୍ୟ ଆସନ୍ତା ସମୟରେ ଏକ ଏମଓୟୁ ସ୍ୱାକ୍ଷର କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଜିସିସି ଟ୍ରୋଇକା ମଧ୍ୟରେ ବାର୍ଷିକ ବୈଠକକୁ ଆହୁରି ଅନୁଷ୍ଠାନିକ କରିବାକୁ ସହମତ ହୋଇଥିଲେ।

5. ମାନ୍ୟବର ଡକ୍ଟର ନାଏଫ ଫଲା ମୁବାରକ ଅଲ-ହଜରାଫ 11 ନଭେମ୍ବର 2021 ରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋଏଲଙ୍କ ସହ ମଧ୍ୟ ଆଲୋଚନା କରିବେ।

**ନୂଆଦିଲ୍ଲୀ**

**ନଭେମ୍ବର 10, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.